بسم الله الرحمٰن الرحيم

**ଖୁତବା ଜୁମା ୨୦ମାର୍ଚ୍ଚ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

***୨୩ମାର୍ଚ୍ଚ ମସିହ୍ ମଉଦ୍ ଅ.ସ ଦିବସ ଉପଲକ୍ଷେ ସୟେଦିନା ହୁଜୁର୍ ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ ଅଜିଜ୍‌ଙ୍କ ବୌଦ୍ଧିକପୂର୍ଣ୍ଣ ଖୁତବା ଜୁମା ।***

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ : ତିନି ଦିନ ପରେ ୨୩ ମାର୍ଚ୍ଚ ଅଛି । ଏହା ସେହି ଦିନ ଅଟେ ଯେଉଁ ଦିନ ହଜ଼ରତ ମସିହ୍ ମଉଦ୍ ଅ.ସ ବୈଅତ୍ ଅର୍ଥାତ ଦୀକ୍ଷା ଗ୍ରହଣ କରିବାର ପରମ୍ପରାର ଶୁଭାରମ୍ଭ କରିଥିଲେ ଏବଂ ଏହି ପର୍ଯ୍ୟାୟକ୍ରମରେ ନିୟମିତ ରୂପେ ହୁଜୁର ଅ.ସଙ୍କର ଦାବି  ସହିତ ଜମାଅତ ଅହମଦିୟାର ମଧ୍ଯ ମୂଳଦୁଆ ପଡ଼ିଥିଲା । ଜମାଅତରେ ଏହି ଦିନ ୟୋମେ ମସିହ୍ ମଉଦ୍ ଅର୍ଥାତ୍ ମସିହ୍ ମଉଦ୍ ଦିବସ ରୂପେ ପାଳନ କରଯାଇଥାଏ । ଏହି ଦିନ ଉପଲକ୍ଷେ ଜଲସାମାନ ମଧ୍ଯ ଅନୁଷ୍ଠିତ ହୋଇଥାଏ । ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଦାବି ଓ ତାଙ୍କର ଆଗମନର ଉଦ୍ଦେଶ୍ୟ ବା ଅଭିପ୍ରାୟ ସଂପର୍କରେ ମଧ୍ଯ ଆଲୋକପାତ କରାଯାଇଥାଏ । ଏଣୁ ଏହି ଦିବସ ଉପଲକ୍ଷେ ଆଜି ମୁଁ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଦ୍ଵାରା ପ୍ରଦତ୍ତ କେତେକ ଉଦ୍ଧୃତିକୁ ଆଲୋଚନା କରିବି ।

ହୁଜୁର ଅ.ବ କହିଲେ ଚଳିତ ବର୍ଷ ବୋଧ ହୁଏ ଅନେକ ଦେଶମାନେଙ୍କରେ ଓ ବିଭିନ୍ନ ଅଞ୍ଚଳରେ ଆଜିକାଲି ଯେଉଁ ଭାଇରସ୍ ବା ସଂକ୍ରାମକ ରୋଗ ବ୍ୟାପିଛି, ସେହି କାରଣରୁ ୨୩ ମାର୍ଚ୍ଚର ଜଲସା ୟୋମେ ମସିହ୍ ମଉଦ୍ ଅ.ସ ଅନୁଷ୍ଠିତ ହୋଇପାରିବ ନାହିଁ । ଏଣୁ ମୋର ଖୁତବା ବ୍ୟତୀତ ଏମ୍.ଟି.ଏରେ ମଧ୍ଯ ଏହି ଅବସରରେ କେତେକ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ । ସୁତରାଂ ପ୍ରତ୍ୟେକ ଅହମଦିକୁ ଉକ୍ତ କାର୍ଯ୍ୟକ୍ରମଗୁଡ଼ିକୁ ନିଜ ଘରେ ନିଜ ସନ୍ତାନମାନଙ୍କ ସହିତ ଦେଖନ୍ତୁ ଓ ଶୁଣନ୍ତୁ।

ହଜ଼ରତ ମସିହ୍ ମଉଦ୍ ଅ.ସ ଆଁହଜ଼ରତ ସ.ଅଙ୍କ ଦାସତ୍ଵରେ ତାଙ୍କରି ମିଶନକୁ ଆଗେଇ ନେବା ପାଇଁ ତଥା ଆଁହଜ଼ରତ ସ.ଙ୍କ ଧର୍ମକୁ ସଂସାରରେ ପ୍ରସାରିତ କରିବା ପାଇଁ ଆବିର୍ଭୂତ ହୋଇଥିଲେ । ସୁତରାଂ ଏକ ସ୍ଥଳରେ ହୁଜୁର ଅ.ସ କହିଲେ: "ମୁଁ ସ୍ପଷ୍ଟ ରୂପେ କହୁଅଛି ଏବଂ ତାହା ହିଁ ମୋର ବିଶ୍ୱାସ ଏବଂ ଆସ୍ଥା ଏବଂ ଧର୍ମ ଅଟେ ଯେ, ଆଁହଜ଼ରତ ସ.ଅଙ୍କ ଅନୁକରଣ ଓ ତାଙ୍କର ପଦାଙ୍କ ଅନୁସରଣ କରିବା ବ୍ୟତୀତ କୌଣସି ମନୁଷ୍ୟ ଆଧାତ୍ମିକ ଯଶଃ ବା କୀର୍ତ୍ତୀ ଏବଂ ଅନୁକମ୍ପା ପ୍ରାପ୍ତ କରିପାରିବ ନାହିଁ ।" ହଜ଼ରତ ମସିହ୍ ମଉଦ୍ ଅ.ସ କହନ୍ତି : "ମୁଁ ଏହାକୁ ବାରମ୍ବାର ବର୍ଣ୍ଣନା କରିବି ଏବଂ ଏହାକୁ ପରିପ୍ରକାଶ କରିବା ବ୍ୟତୀତ ଅଟକି ରହିପାରିବି ନାହିଁ ଯେ, ମୁଁ ସେହି ବ୍ୟକ୍ତି ଅଟେ ଯିଏ ଉପଯୁକ୍ତ ସମୟରେ ସଂସ୍କାର ନିମନ୍ତେ ମାନବ ଜାତି ନିମନ୍ତେ ପ୍ରେରିତ ହୋଇଛି । ଯେପରି ଧର୍ମକୁ ସଦ୍ୟ କରି ବା ନୂତତନ ରୂପେ ଲୋକମାନଙ୍କ ମଧ୍ଯରେ ସ୍ଥାପିତ କରିଦିଆଯାଉ । ମୁଁ ଏହିପରି ଭାବରେ ପ୍ରେରିତ ହୋଇଅଛି ଯେପରି ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କ ବକ୍ତା ତଥା ଅଲ୍ଲାଃତାଲାଙ୍କର ବୀର ପୁରୁଷମାନେ ପ୍ରେରିତ ହୋଇଥିଲେ । ଯାହାଙ୍କ ଆତ୍ମା ହେରୋଡେସର ଶାସନ କାଳରେ ଅତ୍ୟନ୍ତ ଦୁଃଖଯନ୍ତ୍ରଣା ପରେ ଆକାଶ ଆଡ଼କୁ ଉଠାଇ ନିଆଯାଇଥିାଲ ଏବଂ କେବଳ ମୁସଲମାନମାନଙ୍କ ପାଇଁ ନୁହେଁ ବରଂ ହଜ଼ରତ ମସିହ୍ ମଉଦ୍ ଅ.ସ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଧର୍ମକୁ ନିଜର ଆବିର୍ଭୂତ ହେବାର ମହତ୍ତ୍ୱ ସଂପର୍କରେ ଅବଗତ କରାଇଥିଲେ ।" ସୁତରାଂ ଏକ ସ୍ଥଳରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ କହନ୍ତି:

"ଏତଦ୍ ଦ୍ଵାରା ଏହା ମଧ୍ଯ ସ୍ପଷ୍ଟ ହେଉକି ମୋର ଏହି ଯୁଗରେ ଅଲ୍ଲାଃତାଲାଙ୍କ ତରଫରୁ ଆଗମନ ବା ଆବିର୍ଭୂତ ହେବା କେବଳ ସଂସ୍କାର ନିମନ୍ତେ ନୁହେଁ ବରଂ ମୁସଲମାନ ଓ ହିନ୍ଦୁ ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପରି ତିନି ଜାତିର

ସଂସ୍କାର ନିମନ୍ତେ ଆବିର୍ଭାବ ହେବ ଧାର୍ଯ୍ୟ ଥିଲା ଏବଂ ଯେପରିକି ଅଲ୍ଲାଃତାଲା ମୋତେ ମୁସଲମାନ ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ପାଇଁ ମସିହ୍ ମଉଦ୍ କରି ପ୍ରେରଣ କରିଛନ୍ତି । ସେହିପରି ମୁଁ ହିନ୍ଦୁମାନନଙ୍କ ନିମନ୍ତେ ଅବତାର ରୂପେ ଆବିର୍ଭୂତ ହୋଇଅଛି ଏବଂ ମୁଁ ବିଗତ ୨୦ ବର୍ଷ ଧରି କିମ୍ବା ତଦୁର୍ଦ୍ଧ୍ୱ ବର୍ଷ ହେଲା ଉକ୍ତ କଥାକୁ ପ୍ରଚାର କରୁଅଛି ଯେ, ମୁଁ ସେହି ପାପକୁ ଦୂରୀଭୂତ କରିବା ପାଇଁ ଆବିର୍ଭୂତ ହୋଇଛି ଯେଉଁ ପାପରେ ମର୍ତ୍ତ୍ୟମଣ୍ଡଳ ଲିପ୍ତ ରହିଥିଲା । ଯେପରିକି ମସିହ୍ ଇବ୍ନେ ମରିୟମ୍ ଅର୍ଥାତ୍ ହଜ଼ରତ ମରିୟମ୍ ଅ.ସଙ୍କ ପୁତ୍ର ଯୀଶୁଙ୍କ ରଙ୍ଗରେ ରଙ୍ଗୀନ ହୋଇଅଛି । ସେହିପରି ରାଜା ଶ୍ରୀକୃଷ୍ଣଙ୍କ ରୂପରେ ମୁଁ ଆବିର୍ଭୂତ ହୋଇଛି । ଯିଏକି ସମଗ୍ର ହିନ୍ଦୁ ଧର୍ମରେ ଅବତାରମାନଙ୍କ ମଧ୍ୟରୁ ଜଣେ ଶ୍ରେଷ୍ଠ ତଥା ଯୁଗାବତାର ଥିଲେ ।”

ପୁନଶ୍ଚ ହଜ଼ରତ ମସିହ୍ ମଉଦ୍ ଅ.ସ ନିଜର ଆବିର୍ଭୂତ ହେବାର ଉଦ୍ଦେଶ୍ୟ ବା ଅଭିପ୍ରେତ ସଂପର୍କରେ ବର୍ଣ୍ଣନା କରି କହନ୍ତି: “ମନୁଷ୍ୟ ଅଲ୍ଲାଃତାଲାଙ୍କର ଯେକୌଣସି ଆଦେଶର ଅବଜ୍ଞା କରିଥାଏ, ସେଗୁଡ଼ିକ ତାହା ପାଇଁ ପାପର କାରଣ ପାଲଟି ଯାଇଥାଏ । ଯେତେବେଳେ ଜଣେ ସାମାନ୍ୟ ବା ସାଧାରଣ ସୈନିକ ସରକାରଙ୍କ ଆଡୁ କୌଣସି ଆଦେଶପତ୍ର ବହନ କରି ଆସିଥାଏ ସେତେବେଳେ ଉକ୍ତ ଆଦେଶକୁ ଅବଜ୍ଞା କରୁଥିବା ବ୍ୟକ୍ତିକୁ ଦୋଷୀ ବୋଲି କୁହାଯାଇଥାଏ ଏବଂ ସେ ଶାସ୍ତି ପାଇଥାଏ । ତେଣୁ ଯଦି ଜଣେ ସାଂସାରିକ ତଥା ଭୌତିକ ବିଚାରକର ଏପରି ସ୍ଥିତାବସ୍ଥା ରହିଛି ତେବେ ଅହକମୁଲ୍ ହାକେମିନ୍ (ଅର୍ଥାତ ଅଲ୍ଲାତାଲା ସମସ୍ତ ବିଚାପତିମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବିଚାରପତି ଅଟନ୍ତି) ଅର୍ଥାତ୍ ଅଲ୍ଲାଃତାଲାଙ୍କ ଆଡୁ ଆଗତ ଅବତାରଙ୍କର ଅସମ୍ମାନ ଏବଂ ତାଙ୍କୁ ହେୟ ବୋଲି ମନେକରିବା, ଅଲ୍ଲାଃତାଲାଙ୍କ ପ୍ରତି କେତେବଡ଼ ଅବଜ୍ଞା ହେବ ଯାହାକି କଳନା ସାପେକ୍ଷ ଅଟେ । ଅଲ୍ଲାଃତାଲା ସ୍ୱାଭିମାନୀ ଅଟନ୍ତି । ସେ ଏହି ଉଦ୍ଦେଶ୍ୟ ଅନୁଯାୟୀ ଆବଶ୍ୟକ ସମୟରେ ବିଗିଡ଼ି ଯାଇଥିବା ଶତାବ୍ଦୀର ଶୀର୍ଷରେ ଜଣେ ଯୁଗାବତାରଙ୍କୁ ପ୍ରେରଣ କଲେ । କାରଣ ସେ ଯେପରି ଲୋକମାନଙ୍କୁ ସତ୍‌ମାର୍ଗ ଆଡ଼କୁ ଆକର୍ଷିତ କରନ୍ତୁ । ଅଲ୍ଲାଃତାଲାଙ୍କ ସମସ୍ତ ନୀତିନିୟମାବଳୀକୁ ପାଦତଳେ ଦଳିବା ଏକ ବହୁତ ବଡ଼ ଅପରାଧ ତଥା ପାପ ଅଟେ । ”

ପୁନଶ୍ଚ ହୁଜୁର ଅ.ସ କହନ୍ତି:“ଇସଲାମ ଭଳି ପବିତ୍ରମୟ ଧର୍ମ ଉପରେ ଏଭଳି ଆକ୍ରମଣ କରାଯାଇଛି । ଇସଲାମ ବିରୁଦ୍ଧରେ ଯାହାକିଛି ପ୍ରକାଶିତ ହୋଇଛି ଯଦି ସେଗୁଡ଼ିକୁ ଏକତ୍ରିତ କରାଯାଏ ତେବେ ତାହା ଏକ ଉଚ୍ଚ ପର୍ବତ ହୋଇଯିବ । ମୁସଲମାନମାନଙ୍କ ଏହି ଅବସ୍ଥା ରହିଛି ଯେ, ଯେପରି ସେମାନଙ୍କ ଶରୀରରେ ଜୀବନ ହିଁ ନାହିଁ, ସେମାନେ ନିର୍ଜୀବ ଏବଂ ସମସ୍ତେ ପ୍ରାୟ ମୃତ୍ୟୁବରଣ କରିଛନ୍ତି । ଯଦି ବର୍ତ୍ତମାନ ଅଲ୍ଲାଃତାଲା ନୀରବଦ୍ରଷ୍ଟା ସାଜି ରହିଲେ ତେବେ କେଜାଣି କ'ଣ ଅବସ୍ଥା ହେବ । ଅଲ୍ଲାଃତାଲାଙ୍କ ଗୋଟିଏ ଆକ୍ରମଣ ମନୁଷ୍ୟର ହଜାର ଆକ୍ରମଣ ଅପେକ୍ଷା ଅଧିକ ଶ୍ରେୟସ୍କର ଅଟେ ଏବଂ ତାହା ଏହା ଯେ, ଅଲ୍ଲାଃତାଲାଙ୍କ ଉକ୍ତ ଆକ୍ରମଣ ଦ୍ୱାରା ଯେପରି ଧର୍ମର ସଂସ୍ଥାପନା ହେବ । ”

ପୁନଶ୍ଚ ହଜ଼ରତ ମସିହ୍ ମଉଦ୍ ଅ.ସ ବିଶେଷ ରୂପେ ସଂସାରବାସୀଙ୍କୁ ଉପଦେଶ ଦେଇ କହନ୍ତି ଯେ, “ଆମ୍ଭର ଶେଷ ଉପଦେଶ ଏହା ହିଁ ଯେ, ତୁମ୍ଭେ ନିଜ ବିଶ୍ୱାସ ପ୍ରତି ସଚେତିତ ହୁଅ । ଏହା ନହେଉକି ତୁମ୍ଭେ ଅହଙ୍କାର ଏବଂ ଅସାବଧାନତା ପ୍ରଦର୍ଶନ କରି ମହାପ୍ରତାପି ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ବିଦ୍ରୋହୀ ସାବ୍ୟସ୍ତ ହେବ ।” ପୁନଶ୍ଚ ହୁଜୁର ଅ.ସ ପୃଥିବୀବାସୀଙ୍କୁ ସାବଧାନ କରାଇ କହିଲେ ଯେ, ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଅବତାରଙ୍କ ସହିତ କଦାପି ଲଢ ନାହିଁ । ଯେତେବେଳେ ଅଲ୍ଲାଃତାଲା ନିଜର ପ୍ରିୟ ଅବତାରଙ୍କୁ ପ୍ରେରିତ କରନ୍ତି ସେତେବେଳେ ସେ ହିଁ ନିଜର ପ୍ରେରିତ ଅବତାରଙ୍କୁ ସାହାଯ୍ୟ ଓ ସହଯୋଗ କରନ୍ତି । ଏଥିସହ ତା' ପାଇଁ ଐଶ୍ୱରିକ ନିଦର୍ଶନ ମଧ୍ୟ ପ୍ରଦାର୍ଶନ କରନ୍ତି । ହୁଜୁର ଅ.ସ କହିଲେ ଅଲ୍ଲାଃତାଲା ମୋତେ ପ୍ରତିଷ୍ଠାବାନ ବା ସମ୍ମାନପ୍ରଦ ବାକ୍ୟରେ କହିଲେ ଯେ, “ସଂସାରରେ ଏକ ଭୀତ ପ୍ରଦର୍ଶନକାରୀ ଆବିର୍ଭୂତ ହେଲେ କିନ୍ତୁ ସଂସାରବାସୀମାନେ ତାହାକୁ ଗ୍ରହଣ କଲେ ନାହିଁ । କିନ୍ତୁ ଅଲ୍ଲାଃତାଲା ତା'କୁ ସ୍ୱୀକାର କରିବେ ଏବଂ ଅତ୍ୟନ୍ତ ଭୀଷଣ ଆକ୍ରମଣ ଦ୍ୱାରା ମୋର ସତ୍ୟତାକୁ ପ୍ରତିପାଦିତ କରିବେ ।”

ହୁଜୁର ଅନୱର୍ ଅ.ବ କହିଲେ : ତେଣୁ ଆଜି ୨୦୦ରୁ ଉର୍ଦ୍ଧ୍ୱ ଦେଶରେ ପରିବ୍ୟାପ୍ତ ଜମାଅତ ଅହମଦିୟା ଏହି କଥାର ଘୋଷଣା କରୁଛନ୍ତି ଯେ, ଅଲ୍ଲାଃତାଲା ହୁଜୁର ଅ.ସଙ୍କର ସତ୍ୟତାକୁ ସଂସାର ଆଗରେ ପ୍ରକାଶ କରି ଚାଲନ୍ତୁ । ଅଲ୍ଲାଃତାଲା ଆମ୍ଭମାନଙ୍କୁ ମଧ୍ୟ ତାଙ୍କର ଉଦ୍ଦେଶ୍ୟ ସାଧନକୁ ପରିପୂରଣ ତଥା ପ୍ରସାରିତ କରିବା ପାଇଁ ଅଂଶୀଦାର ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଆମ୍ଭମାନଙ୍କର ବିଶ୍ୱାସ ଓ ଆସ୍ଥାକୁ ସୁଦୃଢ କରନ୍ତୁ ଏବଂ ଆମମାନଙ୍କୁ ନିଜର ଦାୟିତ୍ୱକୁ ସଠିକ୍ ରୂପେ ନିର୍ବାହ କରିବାକୁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନୱର ଅ.ବ କହିଲେ ଆଜିକାଲି ପୃଥିବୀରେ ପ୍ରଭାବ ବିସ୍ତାର କରିଥିବା କରୋନା ଭୂତାଣୁ ସଂପର୍କରେ କହିଲେ: ଉକ୍ତ ଭୂତାଣୁ ସଂସାରକୁ ଏହା ଭାବିବା ପାଇଁ ବାଧ୍ୟ କରିଦେଇଛି ଯେ, ସେମାନେ ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରନ୍ତୁ । କିନ୍ତୁ ପ୍ରକୃତ ଈଶ୍ୱର ଓ ଜୀବିତ ଈଶ୍ୱର କେବଳ ଇସଲାମ ଧର୍ମର ଈଶ୍ୱର ଅଟନ୍ତି । ଯିଏ ତାଙ୍କ ଆଡ଼କୁ ଶରଣାପନ୍ନ ହୁଅନ୍ତି ଅଲ୍ଲାଃତାଲା ସେମାନଙ୍କୁ ନିଶ୍ଚିତ ରୂପେ ମାର୍ଗଦର୍ଶନ କରିବାର ଘୋଷଣା କରିଛନ୍ତି । ଅତଃ ଏଭଳି ପରିସ୍ଥିତିରେ ଆମେମାନେ ଯେଉଁଠି ନିଜକୁ ସଜ୍ଜିତ କରିବାରେ ଆବଶ୍ୟକତା ରହିଛି । ଅନ୍ୟ ପଟରେ ତବଲିଗର କାର୍ଯ୍ୟ ପ୍ରଭାବଶାଳୀ ରୂପେ କରିବାର ଆବଶ୍ୟକତା ମଧ୍ୟ ରହିଛି । ପୃଥିବୀବାସୀଙ୍କୁ ପୂର୍ବାପେକ୍ଷା ଅଧିକ ପରିଚିତ ଓ ଅବଗତ କରାଇବାର ଆବଶ୍ୟକତା ରହିଛି ଏବଂ ପୁନଶ୍ଚ ପ୍ରତ୍ୟେକ ଅହମଦିକୁ ଏହା ଚେଷ୍ଟା କରିବା ଉଚିତ୍ ଏବଂ ପୃଥିବୀବାସୀଙ୍କୁ ଏହା କୁହାଯାଉ ଯେ, ଯଦି ନିଜକୁ ତିଷ୍ଠିବାକୁ ଚାହୁଁଛ ତେବେ ନିଜର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଚିହ୍ନ । ଯଦି ନିଜର ପରିଣତିକୁ ଭଲ କରିବାକୁ ଚାହୁଁଛ ତେବେ ନିଜର ସୃଷ୍ଟି କର୍ତ୍ତା ତଥା ଜନ୍ମଦାତା ଈଶ୍ୱରଙ୍କୁ ଚିହ୍ନନ୍ତୁ । କାରଣ ପରକାଳର ଜୀବନର ପରିଣତି ଯାହା ରହିଛି ତାହା ହିଁ ପ୍ରକୃତ ଓ ବାସ୍ତବ ପରିଣତି । ଏଥିସହ କାହାରିକୁ ଅଲ୍ଲାଃତାଲାଙ୍କ ସହ ସମକକ୍ଷ କର ନାହିଁ ଏବଂ ମାନବତା ଧର୍ମକୁ ସଠିକ୍ ରୂପେ ଦାୟିତ୍ୱ ନିର୍ବାହ କର । ସାଂସାରକି ବ୍ୟକ୍ତିମାନେ କହନ୍ତି ଯେ, ଏହି ବିପତ୍ତିର ତ' ଅଭିବୃଦ୍ଧି ଅବଶ୍ୟ ଘଟିବ । ତେଣୁ ନିଜର ଶେଷ ପରିଣତିକୁ ଭଲ କରିବାକୁ ହେଲେ ଆମକୁ ଅଲ୍ଲାଃତାଲାଙ୍କ ନିକଟକୁ ଯେକୌଣସି ଉପାୟରେ ଫେରିଯିବାକୁ ହେବ । ଏହି ସଂକ୍ରାମକ ଭୂତାଣୁ ରୋଗ ସଂପର୍କରେ ବିଶେଷଜ୍ଞଙ୍କର ଏହି ମତ ରହିଛି ଯେ, ଉକ୍ତ ଭୟାନକ ଭାଇରସ (ଭୂତାଣୁ)ର ଜିନର ଗୁଣଗତରେ ସାଧାରଣ ପରିବର୍ତ୍ତନ ହେବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି ଏବଂ ଏଥିସହ କିଛି ବର୍ଷ ମଧ୍ୟରେ ହିଁ ଆଉ ଏକ ନୂତନ କରୋନା ଭାଇରସ ପୃଥିବୀରେ ବ୍ୟାପି ଯିବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି । ଉକ୍ତ ବିଶେଷଜ୍ଞ ଜଣକ କହନ୍ତି ଯେ, ବୋଧ ହୁଏ ପ୍ରତି ତିନି ବର୍ଷ ପରେ କୌଣସି ନୂତନ ରୋଗ ଉତ୍ପନ୍ନ ହୋଇଯିବ । ବୈଜ୍ଞାନିକମାନେ କରୋନା ଭାଇରସ ଉପରେ ନିୟନ୍ତ୍ରଣ ପାଇପାରନ୍ତି ବା ପାରିବେ କିନ୍ତୁ ସଂକ୍ରାମକ ଭୂତାଣୁ ରୋଗ ବିରୁଦ୍ଧରେ ମାନବ ଜାତିର ଏହା ଅସମାପ୍ତ ସଂଗ୍ରାମ ଅଟେ । ସେ ଯାହାହେଉ ନା କାହିଁକି ଏହାର ଦୀର୍ଘ ବିବରଣୀ ରହିଛି । ଯାହାକି ପୂର୍ଣ୍ଣ ରୂପେ ବର୍ଣ୍ଣନା ହୋଇପାରିବ ନାହିଁ । କିନ୍ତୁ ନିଜର ସୁପରିଣତି ପାଇଁ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ପୂର୍ବାପେକ୍ଷା ଅଧିକ ସଂପର୍କ ସ୍ଥାପନ କରିବାର ଆବଶ୍ୟକତା ରହିଛି । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । କରୋନାର ରୋଗ ସଂପର୍କରେ ମୁଁ ପୂର୍ବରୁ ନିର୍ଦ୍ଦେଶାବଳୀ ଦେଇ ସାରିଛି ଏବଂ ପୁନର୍ବାର ସ୍ମରଣ ମଧ୍ୟ କରାଇଦେବାକୁ ଚାହୁଁଛି ଯେ, ବର୍ତ୍ତମାନ ଏହି ରୋଗ ସମଗ୍ର ପୃଥିବୀରେ ଦ୍ରୁତ ଗତିରେ ଲୋକମାନଙ୍କୁ ଆକ୍ରାନ୍ତ ଓ ସଂକ୍ରମିତ କରି ବ୍ୟାପିବାରେ ଲାଗିଛି ଏବଂ ଏଠାରେ ମଧ୍ୟ ଏହାର ପ୍ରଭାବ ଅଧିକ ହେବାରେ ଲାଗିଛି । ବର୍ତ୍ତମାନ ପ୍ରଶାସନ ବା ସରକାର ମଧ୍ୟ ଏହା କରିବାକୁ ବାଧ୍ୟ ହୋଇଛନ୍ତି ଯେ, ସେ ଉକ୍ତ ଭାଇରସକୁ ରୋକିବା ପାଇଁ ଯେକୌଣସି ବିହିତ ପଦକ୍ଷେପ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ତେଣୁ ଭୂତାଣୁ ଜନିତ ବ୍ୟାପକତାକୁ ଦୃଷ୍ଟିରେ ରଖି ଆଗାମୀ ଦିନ ମାନଙ୍କରେ ସରକାର ବହୁତ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି । ରୋଗର ପ୍ରାଦୁର୍ଭାବ ଘଟେ, ସଂକ୍ରାମକ ଭୂତାଣୁ ରୋଗ ପ୍ରତ୍ୟେକ ବ୍ୟକ୍ତିକୁ ସଂକ୍ରମିତ କରିଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତିକୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ୍, ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମାବଳୀ ଓ ନିର୍ଦ୍ଦେବଶାଳୀଗୁଡ଼ିକୁ ପାଳନ କରନ୍ତୁ । ବୟସ୍କ ବ୍ୟକ୍ତି, ରୋଗରେ ପ୍ରପିଡ଼ୀତ ଥିବା

ବ୍ୟକ୍ତି ଯେଉଁମାନଙ୍କ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ଦୁର୍ବଳ ରହିଛି ସେମାନଙ୍କୁ ବିଶେଷ ରୂପେ ଯତ୍ନବାନ୍ ଓ ସତର୍କତା ଅବଲମ୍ବନ କରିବା ଉଚିତ୍ । ବୟସ୍କ ବ୍ୟକ୍ତିମାନେ ଘରୁ କମ୍ ବାହାରନ୍ତୁ, ମସଜିଦକୁ ଆସିବାବେଳେ ମଧ୍ୟ ସାବଧାନତା ତଥା ସତର୍କତା ଅବଲମ୍ବନ କରନ୍ତୁ । ଜୁମା ନମାଜ଼ ମଧ୍ୟ ନିଜ ଅଞ୍ଚଳରେ ଥିବା ମସଜିଦରେ ପଢନ୍ତୁ । ଏହା ବ୍ୟତୀତ ଏହି ଜୁମା ନମାଜ଼୍ ପାଇଁ ମଧ୍ୟ ସରକାର ତରଫରୁ କୌଣସି କଟକଣା ଲାଗିଯିବ ଯେ, ଜୁମା ନମାଜ଼୍ ପାଇଁ ଯେପରି ଭିଡ଼ ନହେଉ । ସାଧାରଣତଃ ମହିଳାମାନେ ନମାଜକୁ ଛୋଟ ପିଲାମାନଙ୍କୁ ନିଜ ସାଙ୍ଗରେ ଆସିବାରୁ ବର୍ଜ୍ଜିବା ଉଚିତ୍ । ତେଣୁ ନିଜ ଶରୀରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ପାଇଁ ବିଶ୍ରାମ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବା ଉଚିତ୍ । ଛୋଟ ପିଲାମାନଙ୍କୁ ମଧ୍ୟ ଅଭ୍ୟାସ କରାଇବା ଉଚିତ୍ ଯେ, ସେମାନେ ଜଲ୍‌ଦି ଶୁଅନ୍ତୁ ଏବଂ ଜଲ୍‌ଦି ଉଠନ୍ତୁ । ଅନ୍ୟୁନ ଆଠ ନଅ ଘଣ୍ଟା ନିଦ୍ରା ନେବା ଉଚିତ୍ । ପୁନଶ୍ଚ ବଜାରରେ ବିକ୍ରି ହେଉଥିବା ଅପମିଶ୍ରିତ ଜିନିଷ ଦ୍ରବ୍ୟର ସେବନ ଠାରୁ ଦୂରେଇ ରହିବା ଉଚିତ୍ । ବିଶେଷ କରି ଚିପ୍ସ୍ ଆଦିର ପ୍ୟାକେଟ୍ ରହିଛି, ତାହା ଛୋଟ ପିଲାମାନଙ୍କୁ ଦେବା ଅନୁଚିତ୍ । କାରଣ ତାହା ଛୋଟ ପିଲାମାନଙ୍କର ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ଏବଂ ତାହା ପାଚନ କ୍ରିୟାକୁ ଓ ପାଚନ ଶକ୍ତିକୁ ମନ୍ଥର କରିଥାଏ । ପୁନଶ୍ଚ ଆଜିକାଲି ଡ଼ାକ୍ତରମାନେ ଯାହା କହୁଛନ୍ତି ଯେ, ବାରମ୍ବାର ପାଣି ପିଅନ୍ତୁ । ଘଣ୍ଟାଏ ଛାଡ଼ି ପାଣି ପିଅନ୍ତୁ ନେଚେତ ଅଧ ଘଣ୍ଟା କିମ୍ବା ୪୫ ମିନିଟ୍ ବ୍ୟବଧାନରେ ଦୁଇ ଢୋକେ ପାଣି ପିଅନ୍ତୁ । ଏହା ମଧ୍ୟ ରୋଗରୁ ଦୂରେଇ ରହିବାର ଏକ ମାଧ୍ୟମ ଅଟେ । ହାତକୁ ସର୍ବଦା ସଫା ରଖିବି ଉଚିତ୍ । ଅନ୍ୟୁନ ପାଞ୍ଚଥର ୱୁଜୁକାରୀଙ୍କୁ ସ୍ୱଚ୍ଛତାର ସୁଯୋଗ ମିଳିଥାଏ । ସେମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ । ଛିଙ୍କିଲାବେଳେ ମୁହଁରେ ରୁମାଲ ଘୋଡ଼ାନ୍ତୁ ବା ଆଜିକାଲି ତ' ଡାକ୍ତରମାନେ କହୁଛନ୍ତି ଯେ, ଛିଙ୍କିଲାବେଳେ ବାହୁକୁ ନିଜ ସମ୍ମୁଖରେ ରଖନ୍ତୁ । କାରଣ ଏହା ଦ୍ୱାରା ଛିଙ୍କ ଏଣେତେଣେ ପଡ଼ି ନଥାଏ । ସେ ଯାହାହେଉ ନା କାହିଁକି ସ୍ୱଚ୍ଛତା ନିତ୍ୟାନ୍ତ ଆବଶ୍ୟକ ଏବଂ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବା ଉଚିତ୍ । କିନ୍ତୁ ଶେଷ ଅସ୍ତ୍ର ହେଉଛି ଦୁଆ ଏବଂ ଏହି ଦୁଆ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଉକ୍ତ ରୋଗର ଦାଉରୁ ରକ୍ଷା କରନ୍ତୁ । ସେହି ସମସ୍ତ ଅହମଦିମାନଙ୍କୁ ମଧ୍ୟ ନିଜ ଦୁଆରେ ବିଶେଷ ରୂପେ ସ୍ମରଣ ବା ମନେରଖନ୍ତୁ ଯେଉଁମାନେ ଦୁର୍ଭାଗ୍ୟବଶତଃ କୌଣସି କାରଣରୁ ଉକ୍ତ ରୋଗରେ ଆକ୍ରାନ୍ତ ହୋଇଯାଇଛନ୍ତି କିମ୍ବା ଡ଼ାକ୍ତରଙ୍କୁ ସେମାନଙ୍କ ଉପରେ ସନ୍ଦେହ ଥିବା ଯୋଗୁଁ ସେମାନଙ୍କୁ ସନ୍ଦିଗ୍ଧ ବୋଲି ଚିହ୍ନଟ କରାଯାଇଛି ଯେ, ଏମାନଙ୍କୁ ଏହି ସଂକ୍ରମଣ ହୋଇଛି ବା ଏମାନେ ସଂକ୍ରମିତ ଅଟନ୍ତି । କିମ୍ବା ଅନ୍ୟ ଯେକୌଣସି ରୋଗରେ ଯେଉଁ ଅହମଦିମାନେ ଆକ୍ରାନ୍ତ ସେମାନଙ୍କ ପାଇଁ ମଧ୍ୟ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ସେମାନଙ୍କୁ ଉକ୍ତ ରୋଗରୁ ରକ୍ଷା କରନ୍ତୁ । ସାମୂହିକ ରୂପେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ଉକ୍ତ ସଂକ୍ରାମକ ଭତାଣୁ ରୋଗର ପ୍ରଭାବରୁ ପୃଥିବୀବାସୀଙ୍କୁ ସୁରକ୍ଷିତ ରଖନ୍ତୁ ଏବଂ ଯେଉଁମାନେ ଅସୁସ୍ଥ ଅଛନ୍ତି ସେମାନେଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ଅହମଦିଙ୍କୁ ନିରୋଗତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଶ୍ୱାସ ଓ ଆସ୍ଥାରେ ମଧ୍ୟ ଦୃଢତା ପ୍ରଦାନ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

....................................

KHULASA KHUTBA JUMA HUZOOR ANWAR a.b.a
20th Mar 2020

..........................